# Akashvani, Sambalpur

## SAMBALPURI NEWS EVENING BULLETIN

## 11 February 2025- 7.02 pm- 7.12 pm.

*********************************************

୧- ବିକଶିତ୍ ଭାରତ୍ ଲାଗି ଆଏବା ୨ ଦଶନ୍ଧି ଗୁରୁତ୍ୱପୂର୍ଣ୍ଣ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଏଜେ ଥାପ୍‌ନା ହେବା ମେଂଟାଲ୍ ହେଲ୍‌ଥ କାଉନ୍‌ସେଲିଂ ସେଂଟର୍- କହେଲେ ଉପମୁଖ୍ୟମନ୍ତ୍ରୀ ।

୩- ବାହାର୍‌ଲା ଯୁଗ୍ମ ପ୍ରବେଶିକା ପରୀକ୍ଷା- ଜେଇଇ ମେନ୍ ପରୀକ୍ଷା ଫଲ୍ ।

ଆଉର୍

୪- ଯୋରନ୍ଦା ଆର୍ ଖଲିଆପାଲି ନ ମୁଲ୍ ହେଲା ପ୍ରସିଦ୍ଧ ମାଘ୍‌ମେଲା ।

ପ୍ରଧାନ୍‌ମନ୍ତ୍ରୀ- ଭାରତ୍ ଶକ୍ତି ସପ୍ତାହ ଏନ୍‌ଏସ୍‌ଡି/ପି.ଆଇ.ବି.

ବିକଶିତ୍ ଭାରତ୍ ଲାଗି ଆଏବା ୨ ଟା ଦଶନ୍ଧି ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର୍ ଯଶୋଭୂମି ନ ଭାରତ୍ ଶକ୍ତି ସପ୍ତାହ -୨୦୨୫ କେ ଆଭାସୀ ଜରିଏ ଉଦ୍‌ଘାଟନ୍ କରିକରି ଶ୍ରୀ ମୋଦୀ କହିଛନ୍, ଆଏବା ୫ ବଛର୍ ଭିତ୍‌ରେ ଆମେ ବଡ଼ ମାଇଲ୍‌ଖୁଂଟା ପାର୍ କର୍‌ବାର୍‌କେ ଯାଉଛୁ । ଗଲା ୧୦ ବଛର୍ ଭିତ୍‌ରେ ଭାରତ୍ ପୁର୍‌ଥିର୍ ୧୦ ନମ୍ବର୍ ଅର୍ଥ ବ୍ୟବସ୍ଥାନୁ ୫ ନମ୍ବର୍‌କେ ପୁହୁଁଚିଛେ । ଆଏଜ୍ ଭାରତ୍ ପୁର୍‌ଥିର୍ ୩ ନମ୍ବର୍ ସବୁନୁ ବଡ଼ ସୌର ଶକ୍ତି ଉତ୍ପାଦକ ଦେଶ୍ ହେଇପାରିଛେ । ଇତାର୍‌ଛଡ଼ା ଅଣଜୀବାଶ୍ମ ଇନ୍ଧନ୍ ଶକ୍ତି କ୍ଷମତା ଭିଲ୍ ୩ ଗୁନା ବଢ଼ିଛେ ବଲି ଶ୍ରୀ ମୋଦୀ କହିଛନ୍ । ଭାରତ୍ ନିଜର୍ ଅଭିବୃଦ୍ଧି ସହେତେ ସାରା ପୁର୍‌ଥିର୍ ବିକାଶ୍‌କେ ଭିଲ୍ ତୁରତି କରିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

( ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ବିଧାନ୍‌ସଭା ଅଧିବେଶନ୍-ସର୍ବଦଲୀୟ ବୈଠକ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଆଏବା ଗୁରୁବାର୍ ମୁଲ୍ ହେବା । ଇଥିର୍‌ଲାଗି ଆଏବା କାଏଲ୍ ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସର୍ବଦଲୀୟ ବୈଠକ୍

ବସ୍‌ବା । ବଜେଟ୍ ଅଧିବେଶନ୍‌କେ ସୁରୁଖୁରୁଥି ଚଲାବାର୍‌କେ ବାଚସ୍ପତି ଶ୍ରୀମତୀ ପାଢ଼ୀ ସବୁ ଦଲର୍ ନେତାମାନ୍‌କର୍ ସହଯୋଗ୍ କାମନା କର୍‌ବେ । ବଜେଟ୍ ଅଧିବେଶନ୍‌ଥି ୨୮ ଟା କାର୍ଯ୍ୟଦିବସ୍ ରହେବା । ଆଏବା ୧୭ ତାରିଖ୍ ଦିନ ରାଜ୍ୟର୍ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କରାଯିବା ।

ହେଲ୍‌ଥ କାଉନ୍‌ସେଲିଂ ସେଂଟର୍ ହି.ସ.

ମହିଳାମାନ୍‌କର୍ ନ ଦେଖାଦଉଥିବା ମାନସିକ ଚାପର୍ ସମାଧାନ୍ ଲାଗି ରାଜ୍ୟ ସର୍‌କାର୍ ମେଂଟାଲ୍ ହେଲ୍‌ଥ କାଉନ୍‌ସେଲିଂ ସେଂଟର୍ ଥାପ୍‌ନା କର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ନ ରାଜ୍ୟ ମହିଳା କମିଶନ୍ ର ଥାପ୍‌ନା ଦିବସ୍‌ଥି ଯୋଗ୍ ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍, ମହିଳାମାନ୍‌କର୍ ମାନସିକ ସ୍ୱାସ୍ଥ୍ୟ, ବିବାହ ବିଚ୍ଛେଦ୍‌କେ କମାବାର୍ ଦିଗେ ଇ କେନ୍ଦ୍ର କାମ୍ କର୍‌ବା । ମହିଳା କମିଶନ୍‌କେ ଆହୁରି ସଶକ୍ତ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଯୋଜ୍‌ନା କରୁଛନ୍ ଆର୍ ଖୋବ୍ ଜଲ୍‌ଦି ଇ ବାବ୍‌ଦେ ପଦକ୍ଷେପ୍ ନିଆହେବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

( ଭଏସ୍ ଓଭର୍-୧- ପ୍ରଭାତୀ ପରିଡ଼ା)

ମହିଲା ଜନଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର୍

ମହିଲା ମାନ୍‌କୁ ସଶକ୍ତ କରିକରି ସେମାନ୍‌କର୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ କର୍‌ବାର୍ ଲାଗି ଜାତୀୟ ମହିଲା ଆୟୋଗଙ୍କର୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଠାନେ ଗୁଟେ ମହିଲା ଜନଶୁଣାଣି କାର୍ଯ୍ୟକ୍ରମ୍ ହେଇଯାଇଛେ । 'ଜାତୀୟ ମହିଲା କମିଶନ୍ ଆପଣଙ୍କ ଦ୍ୱାରରେ' ଶୀର୍ଷକ୍ ଇ କାର୍ଯ୍ୟକ୍ରମ୍‌ଥି ଜାତୀୟ ମହିଲା କମିଶନ୍ ଅଧ୍ୟକ୍ଷା ବିଜୟା ରାହତ୍‌କର୍‌ଙ୍କର୍ ଉପସ୍ଥିତିଥି ଇ କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଥିଲା । ମହିଲାମାନ୍‌କର୍ ଭିନ୍ ଭିନ୍ ବିଚାରାଧୀନ୍ ମାମ୍‌ଲାମାନ୍‌କର୍ ସମାଧାନ୍ ଆର୍ ସମସ୍ୟା ମାନ୍‌କର୍ ତୁର୍‌ତି ଫଏସଲା କର୍‌ବାର୍ ଲାଗି ଜନଶୁଣାଣି ଶିବିର୍ ଆୟୋଜନ୍ କରାଯାଇଥିଲା ।

ସୁଭଦ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାଥି ଆଏଜ୍‌ତକ୍ ୯୮ ଲାଖ୍ ମହିଲା ସାହାଜ୍ ଟଙ୍କା ପାଇଛନ୍ ଆର୍ ଆଏବା ଖେପ୍ ଭିତ୍‌ରେ ହିତାଧିକାରୀଙ୍କର୍

ସଂଖ୍ୟା ୧ କୋଟିକେ ପୁହୁଁଚିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଶ୍ରୀମତୀ ପରିଡ଼ା କହିଛନ୍, ଯେନ୍ ମହିଲାମାନେ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍-ଡିବିଟି ନାଇଁ କରିପାରି ପାଖର୍ ବେଙ୍କ୍ ମାନ୍‌କେ ଯାଇକରି ଜଲ୍‌ଦି କରେଇନଉନ୍ । ମାର୍ଚ୍ଚ ୮ ତାରିଖ୍ ସୁଭଦ୍ରା ଯୋଜ୍‌ନାର୍ ୨ ନମ୍ବର ଖେପ୍ ସାହାଜ୍ ଟଙ୍କା ଦେବାର୍ ମୁଲ୍ କରାଯିବା । ଇଥିର୍‌ଲାଗି ମାର୍ଚ୍ଚ ୩୧ ତାରିଖ୍ ଭିତ୍‌ରେ ହିତାଧିକାରୀମାନେ ପଞ୍ଜିକରଣ କରିପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଜେଇଇ- ମେନ୍ -ରିଜଲ୍ଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁଗ୍ମ ପ୍ରବେଶିକା ପରୀକ୍ଷା ଜେଇଇ- ମେନ୍ ପରୀକ୍ଷାର୍ ଫଲ୍ ଆଏଜ୍ ବାହାରିଛେ । ଜେଇଇ ମେନ୍ ସେସନ୍ - ୧ ପରୀକ୍ଷାଥି ୧୨ ଲାଖ୍ ୫୮ ହଜାର୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ୧୪ ଝନ୍ ଛାତ୍ରଛାତ୍ରୀ ଶହେ ପ୍ରତିଶତ୍ ନମ୍ବର୍ ରଖିକରି ପାସ୍ କରିଛନ୍ । ୧୪ ଝନ୍ ଭିତ୍‌ରୁ ଝନେନ ଛାତ୍ରୀ ରହିଛନ୍ ।

ମେଟ୍ରିକ୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ୍ ଶିକ୍ଷା ପରିଷଦ୍ ତର୍ଫୁ ହେବାର୍କେ ଥିବା ମେଟ୍ରିକ୍ ପରୀକ୍ଷା ଆଏବା ୨୧ ତାରିଖ୍ ନୁ ମୁଲ୍ ହେବା । ଇଥିର୍ଲାଗି ଛାତ୍ରଛାତ୍ରୀମାନେ ବୋର୍ଡ଼୍ ୱେବ୍ସାଇଟ୍ www.bseodisha.ac.in ନୁ ଏଡ୍ମିଟ୍କାର୍ଡ଼୍ ଡାଉନ୍ଲୋଡ୍ କରିପାର୍ବେ । ଇତାର୍ସହେତେ ରାଜ୍ୟ ମୁକ୍ତ ବିଦ୍ୟାଲୟ ପରୀକ୍ଷା ମଧ୍ୟମା ଆର୍ ପତ୍ର ବିନିମୟ ପରୀକ୍ଷାର୍ଥୀଙ୍କର୍ ଏଡ଼ମିଟ୍କାର୍ଡ଼୍ ଭିଲ୍ ଇ ୱେବ୍ସାଇଟ୍ଥି ମିଲୁଛେ ବଲି ପରିଷଦ୍ ତର୍ଫୁ କୁହାଯାଇଛେ ।

ପରୀକ୍ଷା ପେ ଚର୍ଚ୍ଚା ଏନ୍ଏସ୍ଡି

ପରୀକ୍ଷା ପେ ଚର୍ଚ୍ଚା-୨୦୨୫ କାର୍ଯ୍ୟକ୍ରମ୍ର ଦୁଇ ନମ୍ବର ଶୃଙ୍ଖଳାଥି ଆଏବା କାଏଲ୍ ବଲିଉଡ୍ ଅଭିନେତ୍ରୀ ଆର୍ ମାନସିକ୍ ସ୍ୱାସ୍ଥ୍ୟର ବକ୍ତା ଦୀପିକା ପାଦୁକୋନ୍ ଛାତ୍ରଛାତ୍ରୀମାନକର୍ ସାଙ୍ଗେ ଇ ବିଷେଥି ନିଜର୍ ବିଚାର୍ ବିନିମିୟ କର୍ବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏଜ୍ ଇ ବାବ୍ଦେ ସାମାଜିକ୍ ଗଣମାଧ୍ୟମ୍ଥି ସୂଚ୍ନା ଦେଇକରି କାର୍ଯ୍ୟକ୍ରମ୍ ଜରିଏ ଛାତ୍ରଛାତ୍ରୀ ମାନସିକ୍ ଚାପ, ମାନସିକ ସ୍ୱାସ୍ଥ୍ୟ ଆର୍ ସୁସ୍ଥତା ଉପ୍ରେ ଭିନ୍ ଭିନ୍ ପ୍ରଶ୍ନର୍ ଉତର ପାଇପାର୍ବେ ବଲି କହିଛନ୍ ।

ଯୋରନ୍ଦା ମହିମା ଗାଦୀ-ମାଘମେଲା ଆର୍ଏନ୍ୟୁ/ ସମ୍ବଲପୁର

ଢେଙ୍କାନାଲ୍ ଜିଲ୍ଲା ଯୋରନ୍ଦା ମହିମା ଗାଦୀ ନ ବିଶ୍ୱପ୍ରସିଦ୍ଧ ମାଘମେଲା ଆଏଜ୍ଠାନୁ ମୁଲ୍ ହେଇଛେ । ବିଶ୍ୱ କଲ୍ୟାଣ୍ ଲାଗି ଆଏଜ୍ ବେଲ୍ବୁଡ଼େ ମହିମା ସନ୍ୟାସୀମାନେ ଘି ଦେଇକରି ଝାଡ଼ଦ୍ୱୀପ ଜଲେଇଛନ୍ । ଇ ମେଳା ଆଏବା ୧୩ ତାରିଖ୍ତକ୍ ଚାଲ୍ବା । ଆନ୍ଧ୍ରପ୍ରଦେଶ୍, ଛତିଶ୍ଗଡ଼୍, ପଶ୍ଚିମବଙ୍ଗ, ବିହାର୍ ଆର୍ ଆସାମ୍ନୁ ମହିମା ସନ୍ୟାସୀମାନେ ମେଳାଥି ଭାଗ୍ ନଉଛନ୍ ।

ସୁବର୍ଣ୍ଣପୁର୍-ମାଘମେଲା ପାଲନ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସନ୍ଥକବି ଭୀମଭୋଇଙ୍କର୍ ସିଦ୍ଧି ଆର୍ ସମାଧି ପୀଠ ସୁବର୍ଣ୍ଣପୁର ଜିଲ୍ଲା ଖଲିଆପାଲିଠାନେ ମାଘମେଲା ପାଲନ୍ ଉଧେ ଆଏଜ୍ ଚତୁର୍ଦ୍ଦଶୀ ପରବ୍ ପାଲିତ୍ ହେଇଛେ । ପୀଠନ ଥିବା ଶୂନ୍ୟ ମନ୍ଦିର୍, କଠଉ ମନ୍ଦିର, ଭୀମ ଭୋଇଙ୍କର୍ ସମାଧି ମନ୍ଦିରନ ପାରମ୍ପରିକ୍ ରୀତିନୀତି ଅନ୍ସାରେ ପୂଜା କରାଯାଇଥିଲା । ଆଏଜ୍ ମହିମାଧର୍ମୀ ବାବାମାନେ ୧୦୮

ପାଖୁଡ଼ା ଝାଡ଼ବତୀ ଲଗେଇଥିଲେ । ଗବେଷକ୍ ଆର୍ ସାହିତ୍ୟିକ୍‌ମାନେ ଯୋଗ୍ ଦେଇକରି ଆଲୋଚନା କରିଥିଲେ । ଇ ଅବ୍‌ସରେ ସାଧୁ ପ୍ରଭାକର ଦାସଙ୍କୁ ଭୀମ ଭୋଇ ସ୍ମୃତି ସମ୍ମାନ ଦିଆଯାଇଥିଲା ।

ଉଷା ପାଢ଼ୀ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ବିକଶିତ୍ ଓଡ଼ିଶା ୨୦୩୬ କେ ନଜର୍‌ଥି ରଖିକରି ସ୍ମାର୍ଟ ଆଉ ସ୍ଥାୟୀ ସହର୍ ବିକାଶ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଇଛନ୍ । ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ସହରାଂଚଲ୍ ବିକାଶ୍ ପ୍ରକଳ୍ପ ଚଲାବାର୍ ଲାଗି ଭିନ୍ ଭିନ୍ ପୌରାଂଚଲ୍ ସଂସ୍ଥାମାନ୍‌କର୍ ଭୂମିକା ଉପ୍‌ରେ ଆଲୋଚନା କରାଯାଇଥିଲା । ଇତାର୍‌ସହେତେ ସହର୍ ଇଲାକାର୍ ନିୟମିତ୍ ଭାବେ ହପ୍ତାକ ଥରେ ଉନ୍ନୟନ୍‌ମୂଲକ୍ କାମର୍ ସମୀକ୍ଷା କର୍‌ବାର୍ ଲାଗି ଶ୍ରୀମତୀ ପାଢ଼ୀ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

ରାଜ୍ୟ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ -ଉଷାପାଢ଼ୀ I&PR

ରାସ୍ତା ସୁରକ୍ଷାକେ କମ୍ କର୍‌ବାର୍ ଆର୍ ଦୁର୍ଘଟଣା ରୋକ୍‌ବାର୍ ଲାଗି ରାଜ୍ୟ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ଜୋର୍ ଦେଇଛେ । ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ଇ ବାବଦ୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ବେପରୁଆ ଗାଡ଼ି ଚାଲକ୍‌ମାନ୍‌କୁ କାବୁ କର୍‌ବାର୍ ଲାଗି ରାଜ୍ୟର୍ ସବୁ ଗୁରୁତ୍ୱପୂର୍ଣ୍ଣ ରାଜପଥ ମାନ୍‌କେ ଇଂଟଲିଜେଂଟ୍ ଏନ୍‌ଫୋର୍ସମେଂଟ୍ ମେନେଜ୍‌ମେଂଟ୍ ସିଷ୍ଟମ୍ ବ୍ୟବସ୍ଥା କରାଯିବା । ଜହ ଦୁର୍ଘଟଣା ଘଟୁଥିବା ରାସ୍ତା - ବ୍ଲାକ୍‌ସ୍ପଟ୍ ମାନ୍‌କେ ଚିହ୍ନଟ୍ କରାଯାଇକରି ଇତାର୍ ସୁଧାର୍ ଦିଗେ ତୁର୍‌ତି କାମ୍ କରାଯିବା । ଭୁବ୍‌ନେଶ୍ୱର୍, ସମ୍ବଲ୍‌ପୁର୍, ରାଉର୍‌କେଲା, ପୁରୀ ଆର୍ ବ୍ରହ୍ମପୁର୍ ସହରେ ସଡ଼କ୍ ନିୟମ୍ ନାଇଁ ମାନୁଥିବା ଲୁକ୍‌କର୍ ଉପ୍‌ରେ କଡ଼ା ନଜର୍ ରଖ୍‌ବାର୍‌କେ ରାସ୍ତା ମାନ୍‌କେ ଜହ ସିସିଟିଭି କେମ୍‌ରା ଲଗାଯିବା ବୈଠକ୍‌ଥି ନିଷ୍ପତି ହେଇଛେ ।

ପାଞ୍ଜି ସମୀକରଣ ବୈଠକ ପୁରୀ ସମ୍ବାଦଦାତା

ନିର୍ଭୁଲ୍ ପାଞ୍ଜି ତିଆର୍ କର୍ବାର ଲାଗି ଆଏଜ୍ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟଠାନେ ପାଞ୍ଜି ସମୀକରଣ ବୈଠକ୍ ବସିଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ ନ ୫ଟା ପାଞ୍ଜିର୍ ପ୍ରକାଶକ୍ ଯୋଗ୍ ଦେଇଥିଲେ । ଶ୍ରୀମନ୍ଦିରର୍ ଭିନ୍ ଭିନ୍ ପରବ୍ ତିଥିର୍ ସଙ୍ଗେ ତାଲ୍‌ମେଲ୍ ରଖିକରି ପାଞ୍ଜିମାନ୍‌କେ ନିର୍ଭୁଲ୍ ଭାବେ ତଥ୍ୟ ପ୍ରକାଶ୍ କର୍ବାର୍ ଲାଗି ଆଲୋଚନା ହେଇଥିଲା । ଇଥି କେହେନ୍‌ସି ଭୁଲ୍ ହେଲେ ଶ୍ରୀମନ୍ଦିରର୍ ଆଇନ୍ ଅନ୍‌ସାରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ବଲି ଶ୍ରୀ ପାଢ଼ୀ କହିଛନ୍ । ଇ ଅବ୍‌ସରେ ୫ଟା ପ୍ରକାଶନ୍ ସେମାନଙ୍କର୍ ପାଞ୍ଜିର୍ ପାଣ୍ଡୁଲିପି ଶ୍ରୀମନ୍ଦିର ପ୍ରଶାସନ୍‌କେ ହସ୍ତାନ୍ତର୍ କରିଛନ୍ ।

ଭିସୁଟ୍-ଏନ୍ଏସ୍ଏସ୍ ପ୍ରଶିକ୍ଷଣ        ସମ୍ବଲ୍‌ପୁର୍ ସମ୍ବାଦଦାତା

ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି-ଭିସୁଟ୍‌ଠାନେ ଏନ୍ଏସ୍ଏସ୍ ପ୍ରଶିକ୍ଷଣ, ଉପଦେଷ୍ଟା ଆର୍ ଓରିଏଂଟେସନ୍ କାର୍ଯ୍ୟକ୍ରମ ହେଇଯାଇଛେ । ଏନ୍ଏସ୍ଏସ୍ ଓଡ଼ିଶାର୍ ପ୍ରଶିକ୍ଷଣ ଅଧିକାରୀ ନିରଦ ବରଣ ଖୁଂଟିଆଙ୍କର ଦେଖ୍‌ରେଖ୍‌ଥି ସାମାଜିକ୍ ସେବା ପ୍ରକଳ୍ପ ମାନଙ୍କର୍ ବର୍କସ୍

କାର୍ଯ୍ୟକ୍ଷମ୍ ଉପ୍ରେ ଆଲୋଚନା ହେଇଥିଲା । କାର୍ଯ୍ୟକ୍ରମ୍ଥି ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ନୂଆପଡ଼ା -ଜନଶୁଣାଣି ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲଠାନେ ଗଲାକାଏଲ୍ ବ୍ଲକ୍ସ୍ତରୀୟ ଜନଶୁଣାଣି ଶିବିର ହେଇଯାଇଛେ । ଶିବିର୍ଥି ଜିଲ୍ଲାପାଳ ସୁବାସ ଚନ୍ଦ୍ର ରାଇତା ଯୋଗ୍ ଦେଇକରି ଲୁକ୍କର୍ ଅଭିଯୋଗ ଶୁନିକରି ସମାଧନା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ୍ ଦେଇଥିଲେ ।

ଗଜଉଦ୍ଧାରଣ ବେଶ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ମାହାପୁରୁମାନ୍କର୍ ଗଜଉଦ୍ଧାରଣ ବେଶ ହେବା । ପୌରାଣିକ ମତ ଅନ୍ସାରେ ଶ୍ରୀମନ୍ଦିର୍ ନ କେନ୍କାଲୁ ମାହାପୁରୁମାନ୍କର୍ ଗଜଉଦ୍ଧାରଣ ବେଶ ହେଇଆସୁଛେ । ମଧ୍ୟାହ୍ନ ଧୂପ ଉତ୍ରୁ ରତ୍ନ ସିଂହାସନ୍ଥି ଶ୍ରୀବିଗ୍ରହଙ୍କର୍ ଗଜଉଦ୍ଧାରଣ୍ ବେଶ କରାହେବା । ଇ ଅବ୍ସରେ ଶ୍ରୀମନ୍ଦିର୍ ନ ସ୍ୱତନ୍ତ୍ର ନୀତିକାନ୍ତି

ହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ସବୁନୁ କମ୍ ତାପମାତ୍ରା ସାମାଏନ୍ କମ୍ବାର୍ ସହେତେ ଜହ ତାପମାତ୍ରା ବଢ଼୍ବାର୍କେ ଲାଗିଛେ । ଆଏବା ୨ ଦିନ୍ତକ୍ ପାଗ୍ ଏନ୍ତା ରହେବା । ତାର୍ଉତ୍ରୁ ସବୁନୁ କମ୍ ତାପମାତ୍ରା ୨ନୁ ୪ ଡିଗ୍ରୀ ତକ୍ କମ୍ବା ଆର୍ ଶୀତ୍ ବଢ଼୍ବା ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।

ଆଏଜ୍ ରାଏଜର ୨୨ଟା ସହରର ସବୁନୁ ଯହ ତାପମାତ୍ରା ୩୩ ଡିଗ୍ରୀ ଉପ୍ରେ ରହିଥିଲା । ଝାର୍ସୁଗୁଡ଼ା ନ ରାଜ୍ୟର୍ ସବୁନୁ ଜହ ଦିନର୍ ତାପମାତ୍ରା ୩୬ ଦଶ୍ମିକ୍ ୬ ଡିଗ୍ରୀ ସେଲ୍ସିୟସ୍ ରେକର୍ଡ କରାଯାଇଥିଲା ।